## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଗଞ୍ଜାମ , ଛତ୍ରପୁର

### (ନ୍ୟାୟୀକ ବିଭାଗ )

ପତ୍ର ସଂଖ୍ୟା :- 5589 ([illegible] /OPID/୨୦୨୪ ଭାଗ-୧ )      ତା: 03/୧୨ / ୨୦୨୪

## ସର୍ବସାଧାରଣ ବିଜ୍ଞପ୍ତି

ଏତଦ୍ ଦ୍ଵାରା ଗଞ୍ଜାମ ଜିଲ୍ଲାର ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ , ଗୋଲ୍ଡେନ ଲେଣ୍ଡ ଡେଭେଲପର ଗ୍ରୁପ ଅଫ କମ୍ପାନୀ (Golden Land Developers Group of Company) ଅନ୍ତର୍ଭୁକ୍ତ, ଯେଉଁ କ୍ଷୁଦ୍ର ଜମାକାରୀମାନେ ଓଡ଼ିଶା ସରକାରଙ୍କ ଆହ୍ଵାନ ଅନୁସାରେ OPID Portal ରେ ଆବେଦନ କରିଥିଲେ ଓ ବିଭିନ୍ନ କାରଣ ବଶତଃ ଅଦ୍ୟାବଧି କ୍ଷତିପୂରଣ ପାଇନାହାନ୍ତି, ସେମାନେ ଗଞ୍ଜାମ ଜିଲ୍ଲାର ସରକାରୀ ୱେବସାଇଟ https://ganjam.odisha.gov.in/ ରେ ଉପଲବ୍ଧ ଥିବା ଉକ୍ତ କମ୍ପାନୀର ଜମାକାରୀ ତାଲିକାରେ ନିଜ ନାମକୁ ଯାଞ୍ଚ କରି ସମ୍ପୃକ୍ତ ରାଜସ୍ଵ ନିରୀକ୍ଷକ ଓ ତହସିଲ ସହିତ ଯୋଗାଯୋଗ କରି ନିଜ ଦରଖାସ୍ତର ସ୍ଥିତି ଜାଣିବାକୁ ଅନୁରୋଧ କରାଯାଉଅଛି।

**ରାଜସ୍ଵ ନିରୀକ୍ଷକଙ୍କ କାର୍ଯ୍ୟାଳୟକୁ ସାକ୍ଷାତ କରିବା ସମୟରେ ନିମ୍ନ ଲିଖିତ ଦସ୍ତାବିଜ ଗୁଡିକ ସହିତ ଆସିବା ବିଧେୟ:-**

(୧) ଯେକୌଣସି ବୈଧ ପ୍ରମାଣ ପତ୍ର (ଆଧାର କାର୍ଡ / ଭୋଟର ପରିଚୟ ପତ୍ର/ ଡ୍ରାଇଭିଂ ଲାଇସେନ୍ସ ଇତ୍ୟାଦି ) ।

(୨) ଚିଟ୍ ଫଣ୍ଡ କମ୍ପାନୀ ନିକଟରେ ଟଙ୍କା ଜମା ରଖିଥିବାର ପ୍ରମାଣ ସ୍ଵରୂପ ଅସଲି ରସିଦ ( Original Money Receipts) ।

(୩) ବ୍ୟାଙ୍କ ଖାତାର ସବିଶେଷ ବିବରଣୀ

ଗୋଲ୍ଡେନ ଲେଣ୍ଡ ଡେଭେଲପର ଗ୍ରୁପ ଅଫ କମ୍ପାନୀ (Golden Land Developers Group of Company) ଅନ୍ତର୍ଭୁକ୍ତ କ୍ଷତିଗ୍ରସ୍ତ, ଯୋଗ୍ୟ ସର୍ବମୋଟ ୭୨ ,୦୯୩ ଜଣଙ୍କ ତାଲିକା **ପରିଶିଷ୍ଟ-"କ"** ରେ ସଲଗ୍ନ କରାଗଲା ।

ଏଥି ସହ ଉକ୍ତ କମ୍ପାନୀର ୭,୯୩୫ ଆବେଦନକାରୀଙ୍କର ଆବେଦନ, ବ୍ୟାଙ୍କ ଖାତାର ଭୁଲ ବିବରଣୀ ହେତୁ, ସମ୍ପୃକ୍ତ ଜମାକାରୀଙ୍କ ବ୍ୟାଙ୍କ ଖାତାକୁ ପ୍ରେରିତ ହୋଇପାରିନାହିଁ, ଏହାର ତାଲିକା **ପରିଶିଷ୍ଟ-"ଖ"** ରେ ସଲଗ୍ନ କରାଗଲା । ଉକ୍ତ ତାଲିକାଭୁକ୍ତ ଆବେଦନକାରୀ, ସମ୍ପୃକ୍ତ ରାଜସ୍ଵ ନିରୀକ୍ଷକଙ୍କ କାର୍ଯ୍ୟାଳୟକୁ ଯାଇ ନିଜ ସଠିକ ବ୍ୟାଙ୍କ ବିବରଣୀ ଏହି ବିଜ୍ଞାପନ ଜାରୀ ହେବାର ୩୦ ଦିନ ମଧ୍ୟରେ ପ୍ରଦାନ କରିବା ହେବେ ।

ସଲଗ୍ନକ :- ପରିଶିଷ୍ଟ- "କ" ଓ "ଖ"

ପ୍ରମୋଦ ମିଶ୍ର
୩/୧୨/୨୪

ଅତିରିକ୍ତ ଜିଲ୍ଲାପାଳ, ଗଞ୍ଜାମ- ତଥା-
ନୋଡାଲ ଅଫିସର, ଓ. ପି. ଆଇ. ଡି.

Scanned with OKEN Scanner

ଜ୍ଞାପକ ସଂଖ୍ୟା ୬୬୯୨ / ନ୍ୟାୟୀକ ତା:- ୦୩.୧୨.୨୦୨୪

ଏହାର ଏକାକିତା ନକଲ ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ (NIC), ଗଞ୍ଜାମଙ୍କ ଅବଗତି ଏବଂ ଉକ୍ତ ସର୍ବସାଧାରଣ ନୋଟିସକୁ ଗଞ୍ଜାମ ଜିଲ୍ଲାର ୱେବସାଇଟ https://ganjam.odisha.gov.in/ ରେ ଗଞ୍ଜାମ ଜିଲ୍ଲାର ସର୍ବସାଧାରଣଙ୍କ ଅବଗତି ନିମନ୍ତେ "ୱେବସାଇଟ ହୋଷ୍ଟିଙ୍ଗ" କରିବାକୁ ଅନୁରୋଧ କରାଗଲା ।

ଏହାର ଏକାକିତ ନକଲ ନୋଡାଲ ଅଫିସର, E- Governance, ଗଞ୍ଜାମଙ୍କ ଅବଗତି ଏବଂ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଅତିରିକ୍ତ ଜିଲ୍ଲାପାଳ, ଗଞ୍ଜାମ- ତଥା-
ନୋଡାଲ ଅଫିସର, ଓ. ପି. ଆଇ. ଡି.

ଜ୍ଞାପକ ସଂଖ୍ୟା ୬୬୯୩ / ନ୍ୟାୟୀକ ତା:- ୦୩.୧୨.୨୦୨୪

ଏହାର ଏକାକିତା ନକଲ ଗଞ୍ଜାମ ଜିଲ୍ଲାର ସମସ୍ତ ଉପ-ଜିଲ୍ଲାପାଳ/ ସମସ୍ତ ତହସିଲଦାର ମାନଙ୍କ ଅବଗତି ଏବଂ ବ୍ୟାପକ ପ୍ରଚାର ପ୍ରସାର ନିମନ୍ତେ ପ୍ରେରଣ କରାଗଲା ।

ଅତିରିକ୍ତ ଜିଲ୍ଲାପାଳ, ଗଞ୍ଜାମ- ତଥା-
ନୋଡାଲ ଅଫିସର, ଓ. ପି. ଆଇ. ଡି.

ଜ୍ଞାପକ ସଂଖ୍ୟା ୬୬୯୪ / ନ୍ୟାୟୀକ ତା:- ୦୩.୧୨.୨୦୨୪

ଏହାର ଏକାକିତା ନକଲ ଅତିରିକ୍ତ ଶାସନ ସଚିବ, ଅର୍ଥ ବିଭାଗ, ଓଡ଼ିଶା ସରକାରଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଅତିରିକ୍ତ ଜିଲ୍ଲାପାଳ, ଗଞ୍ଜାମ- ତଥା-
ନୋଡାଲ ଅଫିସର, ଓ. ପି. ଆଇ. ଡି.

ଜ୍ଞାପକ ସଂଖ୍ୟା ୬୬୯୫ / ନ୍ୟାୟୀକ ତା:- ୦୩.୧୨.୨୦୨୪

ଏହାର ଏକାକିତା ନକଲ ଜିଲ୍ଲାପାଳଙ୍କ ବ୍ୟକ୍ତିଗତ ସହାୟକଙ୍କୁ ଜିଲ୍ଲାପାଳ, ଗଞ୍ଜାମଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଅତିରିକ୍ତ ଜିଲ୍ଲାପାଳ, ଗଞ୍ଜାମ- ତଥା-
ନୋଡାଲ ଅଫିସର, ଓ. ପି. ଆଇ. ଡି.



Scanned with OKEN Scanner